# NATIONAL NEWS BULLETIN (ODIA)

## 22 July - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନ ଆଜିଠୁ ଆରମ୍ଭ ।

– ଉପସ୍ଥାପନ ହେବ ଅର୍ଥନୈତିକ ସର୍ଭେ ରିପୋର୍ଟ ।

- ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- କେରଳରେ ନିପା ଭୂତାଣୁ ସଂକ୍ରମଣ ସ୍ଥିତି ସମୀକ୍ଷା ଲାଗି କୋଝିକୋଡେରେ ପହଞ୍ଚିଲା ୬ ଜଣିଆ କେନ୍ଦ୍ରୀୟ ଦଳ ।

- ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଡେମୋକ୍ରାଟିକ୍ ଦଳୀୟ ପ୍ରାର୍ଥୀତ୍ୱରୁ ଓହରିଲେ ଜୋ ବାଇଡେନ୍ ।

ଏବଂ

- ତ୍ରିପୁରା ସୀମା ଦେଇ ବାଂଲାଦେଶରୁ ଗତକାଲି ପ୍ରତ୍ୟାବର୍ତ୍ତନ କଲେ ୩୧୫ ଜଣ ଭାରତୀୟ ଛାତ୍ରଛାତ୍ରୀ ।

# ବଜେଟ୍ ଅଧିବେଶନ

ସଂସଦର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୧୬ ଟି କାର୍ଯ୍ୟଦିବସ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ସରକାରର ଏହା ପ୍ରଥମ ବଜେଟ୍ ଅଧିବେଶନ । ପ୍ରଥମ ଦିନରେ ଆଜି ଅର୍ଥନୈତିକ ସର୍ଭେ ରିପୋର୍ଟ ସଂସଦରେ ଉପସ୍ଥାପନ କରାଯିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ । ଏଥିସହିତ ଜାମ୍ମୁ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମଧ୍ୟ ସଂସଦରେ ବଜେଟ୍ ଉପସ୍ଥାପନ କରାଯିବ ।

ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ସଂଶୋଧନ ବିଲ୍ ସମେତ ୬ଟି ନୂଆ ବିଧେୟକ ଆଗତ ହେବ । ଏଥିରେ ଅର୍ଥ ବିଧେୟକ ସମେତ ୧୯୩୪ ମସିହାର ବିମାନ ଅଧିନିୟମ ବଦଳରେ ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ବିଧେୟକ ଗୃହର ମଞ୍ଜୁରି ଲାଗି ଆଗତ କରାଯିବ । ଲୋକସଭା ସଚିବାଳୟ ଦ୍ୱାରା ଜାରି କରାଯାଇଥିବା ବୁଲେଟିନ୍‌ରେ ଆଗତ ହେବାକୁ ଥିବା ବିଧେୟକଗୁଡ଼ିକର ତାଲିକା ପ୍ରକାଶ ପାଇଛି ।

ସରକାର ଉଭୟ ଗୃହରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନା ପାଇଁ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି । ଏ ନେଇ ଗତକାଲି ସର୍ବଦଳୀୟ

ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ସଂସଦର ସୁପରିଚାଳନା ନିମନ୍ତେ ଉଭୟ ସରକାର ଏବଂ ବିରୋଧୀ ଦଳଗୁଡ଼ିକ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିବା ଉଚିତ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ଆର୍ଥିକ ସର୍ଭେ ରିପୋର୍ଟ

ଗତ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଆଜି ସଂସଦରେ ଉପସ୍ଥାପନ କରାଯିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହାକୁ ଉପସ୍ଥାପନ କରିବେ । ଅର୍ଥ ମନ୍ତ୍ରଣାଳୟର  ଆର୍ଥିକ ବ୍ୟାପାର ବିଭାଗ ପକ୍ଷରୁ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ଭି. ଅନନ୍ତ ନାଗେଶ୍ୱରନଙ୍କ ତତ୍ତ୍ୱାବଧାନରେ ଏହି  ରିପୋର୍ଟ ପ୍ରସ୍ତୁତ କରାଯାଇଛି । ମନ୍ତ୍ରଣାଳୟ କହିଛି ସଂସଦରେ ଏହି ରିପୋର୍ଟ ଉପସ୍ଥାପନ ହେବା ପରେ ଆଜି ଅପରାହ୍ନରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ରିପୋର୍ଟ ସଂପର୍କରେ ଗଣମାଧ୍ୟମକୁ ସବିଶେଷ ସୂଚନା ଦେବେ । ଏହି ରିପୋର୍ଟରେ ଦେଶର ଆର୍ଥିକ ସ୍ଥିତି, ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ନୀତିଗତ ଆହ୍ୱାନ ଗୁଡ଼ିକ ବିଷୟରେ ବିସ୍ତୃତ ବିବରଣୀ ସ୍ଥାନିତ ହୋଇଛି ।

# ପିଏମ୍-ହେରିଟେଜ୍

ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣରେ ସ୍ଥାନୀୟ ଗୋଷ୍ଠୀଗୁଡ଼ିକୁ ସାମିଲ କରିବା ଏବଂ ବିଶ୍ୱସ୍ତରୀୟ ସହଯୋଗକୁ ପ୍ରୋତ୍ସାହନ କରିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନକୁ ଗତକାଲି ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଭାରତର ଐତିହ୍ୟ କେବଳ ଇତିହାସ ନୁହେଁ, ବରଂ ଏହା ବିଜ୍ଞାନ ବୋଲି ବିବେଚନା କରାଯିବା ଉଚିତ । ପ୍ରଧାନମନ୍ତ୍ରୀ କହିଛନ୍ତି  କେନ୍ଦ୍ର ସରକାର ୩୫୦ରୁ ଅଧିକ ପ୍ରାଚୀନ ଐତିହ୍ୟସ୍ଥଳକୁ ପୁନରୁଦ୍ଧାର କରିଛନ୍ତି । ଏହାଦ୍ୱାରା ଇତିହାସକୁ ସମ୍ମାନ ପ୍ରଦର୍ଶନ କରାଯିବା ସହ ବିଶ୍ୱସ୍ତରୀୟ ଚିନ୍ତାଧାରାକୁ ପ୍ରତିଫଳିତ କରୁଛି । ବିଶ୍ୱର ଅନ୍ୟତମ ପୁରାତନ ଜୀବନ୍ତ ସଭ୍ୟତା ଭାରତରେ ଏହି ଘଟଣା ଘଟିବା କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି ୟୁନେସ୍କୋ ବିଶ୍ୱ ଐତିହ୍ୟ କେନ୍ଦ୍ର ପାଇଁ ଭାରତ ୧ ମିଲିୟନ ଡଲାର ପ୍ରଦାନ କରିବ । ଏହା ମାଧ୍ୟମରେ ବିଶ୍ୱ ଐତିହ୍ୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ସମ୍ଭବ ହୋଇପାରିବ । ଦକ୍ଷିଣାଞ୍ଚଳ

ରାଷ୍ଟ୍ରଗୁଡ଼ିକରେ ଏହା ଅଧିକ କାର୍ଯ୍ୟକ୍ଷମ ହେବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଐତିହ୍ୟସ୍ଥଳୀଗୁଡ଼ିକର ବିକାଶ ଏବଂ ସଂରକ୍ଷଣ ଦିଗରେ ଭାରତ ସର୍ବଦା କାର୍ଯ୍ୟ କରି ଆସୁଛି । ବିଗତ ୧୦ବର୍ଷ ଭିତରେ ଏ କ୍ଷେତ୍ରରେ ବହୁ ସକାରାତ୍ମକ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି ।

ଅଧିବେଶନରେ ଯୋଗଦେଇ ସଂସ୍କୃତି ଏବଂ ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଭାରତର ଐତିହ୍ୟ, ସଂସ୍କୃତି ଏବଂ ବିବିଧତାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଏହା ଏକ ପ୍ରକୃଷ୍ଟ ମଞ୍ଚ । ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଦିଗରେ ସରକାର ନେଉଥିବା ପଦକ୍ଷେପ ସଂପର୍କରେ ଅନ୍ୟ ରାଷ୍ଟ୍ରଗୁଡ଼ିକ ଅବଗତ ହୋଇପାରିବେ ବୋଲି ସେ କହିଛନ୍ତି । ଏହି ଅଧିବେଶନ ଅବସରରେ ନୂତନ ଐତିହ୍ୟସ୍ଥଳୀ ଗୁଡ଼ିକର ତାଲିକାଭୁକ୍ତ ହେବା ନେଇ ଆଲୋଚନା ହେବ ବୋଲି ସେ କହିଛନ୍ତି ।

ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ଭାରତରେ ପ୍ରଥମଥର ପାଇଁ ଆୟୋଜିତ ହୋଇଛି । ୧୨୪ଟି ତାଲିକାଭୁକ୍ତ ବିଶ୍ୱ ଐତିହ୍ୟ ସ୍ମାରକୀ ଗୁଡ଼ିକର ସଂରକ୍ଷଣ ରିପୋର୍ଟ, ଆନ୍ତର୍ଜାତିକ ସହାୟତା ଏବଂ ଐତିହ୍ୟ ପାଣ୍ଠିର ଉପଯୋଗ ଉପରେ ଏଥିରେ ଆଲୋଚନା ହେବ । ୧୫୦ଟି ରାଷ୍ଟ୍ରର ୨ ହଜାରରୁ ଅଧିକ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି ।

# ନିପା-କେରଳ

କେରଳରେ ନିପା ଭୂତାଣୁ ସଂକ୍ରମଣରେ ଜଣେ ୧୪ ବର୍ଷର ବାଳକର ମୃତ୍ୟୁ ହେବା ପରିପ୍ରେକ୍ଷୀରେ ସ୍ଥିତି ସମୀକ୍ଷା କରିବା ଲାଗି ଆଇସିଏମ୍ଆର୍ ର ଏକ ୬ ଜଣିଆ କେନ୍ଦ୍ରୀୟ ଦଳ କୋଝିକୋଡେ ଠାରେ ପହଞ୍ଚିଛନ୍ତି । ସଂକ୍ରମଣକୁ ପ୍ରତିହତ କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଏହି ଦଳ ଆବଶ୍ୟକ ପରାମର୍ଶ ପ୍ରଦାନ କରିବ ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଖୁବ୍ ଶୀଘ୍ର ଅନ୍ୟ ଏକ ବହୁସଦସ୍ୟ ବିଶିଷ୍ଟ ଟିମ୍ କେରଳ ଗସ୍ତ କରିବ । ଏହି ଦଳ ନିପା ସଂକ୍ରମଣର ଯାଞ୍ଚ୍ କରିବା ସହିତ ଏହାକୁ ପ୍ରତିହତ କରିବା ଲାଗି  ଆବଶ୍ୟକ ବୈଷୟିକ ସହାୟତା ପ୍ରଦାନ କରିବ । କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି ସନ୍ଦିଗ୍ଧ ତାଲିକାଭୁକ୍ତ ୭ଜଣଙ୍କର ନମୁନା ପରୀକ୍ଷା କରାଯାଇଛି । ସେମାନଙ୍କ ଠାରେ ସଂକ୍ରମଣ ନଥିବା ଜଣାପଡ଼ିଛି । ୩୩୦ ଜଣ ଏହି ତାଲିକାଭୁକ୍ତ ଅଛନ୍ତି । ସେମାନଙ୍କ ମଧ୍ୟରେ ୬୮ ଜଣ ସ୍ୱାସ୍ଥ୍ୟସେବା କର୍ମଚାରୀ ଥିବାବେଳେ ୧୦୧ ଜଣ ଅଧିକ ସଂକ୍ରମିତ ବର୍ଗରେ ରହିଛନ୍ତି । ମୃତ୍ୟୁ ହୋଇଥିବା ୧୪ ବର୍ଷ ବାଳକର ଶେଷକୃତ୍ୟ ନିପା ସଂକ୍ରମଣ ସଂକ୍ରାନ୍ତ ମାର୍ଗଦର୍ଶିକା ଅନୁଯାୟୀ କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

ବର୍ତ୍ତମାନ ସ୍ୱାସ୍ଥ୍ୟବିଭାଗର କର୍ମଚାରୀମାନେ ଘରକୁ ଘର ବୁଲି ସର୍ଭେ କରୁଛନ୍ତି । ଲକ୍ଷଣ ଥିବା ଲୋକଙ୍କର ନମୁନା ପରୀକ୍ଷଣ ପାଇଁ ପଦକ୍ଷେପ

ନିଆଯିବା ସହ ସେହି ଅଞ୍ଚଳକୁ ଅବରୋଧ କରାଯାଇ ସଂକ୍ରମଣ ବ୍ୟାପିବାକୁ ରୋକିବା ଦିଗରେ ପଦକ୍ଷେପ ନିଆଯାଉଛି ।

ମନ୍ତ୍ରଣାଳୟ କହିଛି, ୨୦୧୮ରେ କେରଳର କୋଝିକୋଡ଼େ ଜିଲ୍ଲାରେ ପ୍ରଥମ ଥର ପାଇଁ ନିପା ଭୂତାଣୁ ସଂକ୍ରମଣ ଦେଖାଦେଇଥିଲା । ଏବଂ ଏଥିରେ ବହୁ ଲୋକଙ୍କର ମୃତ୍ୟୁ ହୋଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ବାଇଡେନ୍ ଡ୍ରପ୍ଟ ଆଉଟ୍

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଡେମୋକ୍ରାଟିକ୍ ଦଳୀୟ ପ୍ରାର୍ଥୀତ୍ୱରୁ ଓହରିଲେ ଜୋ ବାଇଡେନ୍ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ବାଇଡେନ୍ ଏହି ସୂଚନା ଦେଇଛନ୍ତି । ଆମେରିକାର ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବା ତାଙ୍କ ଜୀବନର ସବୁଠାରୁ ବଡ଼ ସମ୍ମାନ ବୋଲି ସେ କହିଛନ୍ତି । ଡେମୋକ୍ରାଟିକ୍ ପାର୍ଟିର ସଦସ୍ୟ ଏବଂ ରାଷ୍ଟ୍ରର ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କର ଅବଶିଷ୍ଟ କାର୍ଯ୍ୟକାଳକୁ ସଠିକ୍ ଭାବେ ସମ୍ପାଦନ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ତେବେ ଏହି ନିଷ୍ପତ୍ତି ନେଇ ଚଳିତ ସପ୍ତାହରେ ଦେଶବାସୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିବେ ବୋଲି ସେ ସୂଚନା ଦେଇଛନ୍ତି । ଉପରାଷ୍ଟ୍ରପତି କମଳା ହାରିସ୍ଙ୍କ ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ଶ୍ରୀ ବାଇଡେନ୍ ସମର୍ଥନ କରିଛନ୍ତି ।  ଆମେରିକା ରାଷ୍ଟ୍ରପତି ନିର୍ବାଚନ ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠିତ ହେବ । ସୂଚନାଯୋଗ୍ୟ ଗତ ଜୁନ୍ ୨୮ ତାରିଖରେ ପୂର୍ବତନ ରାଷ୍ଟ୍ରପତି ତଥା

ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଡୋନାଲ୍‌ଡ ଟ୍ରମ୍ପଙ୍କ ସହ ବିତର୍କ ପରେ ରାଷ୍ଟ୍ରପତି ବାଇଡେନ୍‌ଙ୍କ ଉପରେ ପ୍ରାର୍ଥିତ୍ୱ ପ୍ରତ୍ୟାହାର ନେଇ ଚାପ ସୃଷ୍ଟି ହୋଇଥିଲା ।

# ଓଡ଼ିଶା ବିଧାନସଭା

ଓଡ଼ିଶା ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେବ । ପୂର୍ବାହ୍ନ ୧୧ଟାରେ ରାଜ୍ୟପାଳ ରଘୁବର ଦାସ ଅଭିଭାଷଣ ପ୍ରଦାନ କରିବେ । ଏହା ପରେ ଗୃହରେ ପରଲୋକଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଆସନ୍ତା ବୁଧବାର ୨୪ ତାରିଖ ଦିନ ଉପବାଚସ୍ପତି ନିର୍ବାଚନ ଏବଂ ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ ।  ଚଳିତ ଅଧିବେଶନରେ ମୋଟ୍ ୨୭ଟି କାର୍ଯ୍ୟଦିବସ ରହିଛି । ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗତକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।

# ବାଂଲାଦେଶ-ବିକ୍ଷୋଭ

ବାଂଲାଦେଶରେ ସରକାରୀ ଚାକିରିରେ ସଂରକ୍ଷଣକୁ ନେଇ ଚାଲିଥିବା ବିକ୍ଷୋଭରେ ସେଠାରେ ଅଟକି ରହିଥିବା ୩୧୫ ଜଣ ଭାରତୀୟ ଛାତ୍ରଛାତ୍ରୀ ଗତକାଲି ପ୍ରତ୍ୟାବର୍ତ୍ତନ କରିଛନ୍ତି । ତ୍ରିପୁରାର ସୋନମୁରା ଜିଲ୍ଲା ଅନ୍ତର୍ଗତ ଅଗରତାଲା ଏବଂ ଶ୍ରୀମନ୍ତପୁରସ୍ଥିତ ଅଖାଉରା ଚେକ୍‌ପୋଷ୍ଟ ଦେଇ ସେମାନେ ସୁରକ୍ଷିତ ଭାବେ ଭାରତ ଫେରିଛନ୍ତି । ବିଏସଏଫ୍ ତ୍ରିପୁରା ସୀମାନ୍ତ ମହାନିର୍ଦ୍ଦେଶକ କହିଛନ୍ତି ଛାତ୍ରଛାତ୍ରୀଙ୍କର ପ୍ରତ୍ୟାବର୍ତ୍ତନ ନେଇ

ସୀମା ସୁରକ୍ଷା ବାହୀନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି । ତ୍ରିପୁରାର ୮୫୬ କିଲୋମିଟର ଭାରତ ଓ ବାଂଲାଦେଶ ସୀମାରେ  ଅତିରିକ୍ତ ସୈନ୍ୟ ମୁତୟନ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **ଆୟକର ରିଟର୍ଣ୍ଣ ପ୍ରକ୍ରିୟାର ସରଳୀକରଣ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଆୟକର କମିଶନର ସୌମ୍ୟ ଆଚାର ଏବଂ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ସଞ୍ଜୀବା ନାରାୟନ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23421050  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।